ଡଃ. ଭାନୁ ପ୍ରକାଶ ସିଂହ ଏବଂ ଅନ୍ୟମାନେ

ବନାମ

ହରିୟାଣା କୃଷି ବିଶ୍ୱବିଦ୍ୟାଳୟ

ଅଗଷ୍ଟ 17,1994

[କେ. ରାମସ୍ୱାମୀ ଏବଂ ଏସ୍. ସି. ଅଗ୍ରୱାଲ, ନ୍ୟାୟମୂର୍ତ୍ତିଦ୍ୱୟ]

ସେବା ଆଇନ– ହରିୟାଣା ଏବଂ ପଞ୍ଜାବ କୃଷି ବିଶ୍ୱବିଦ୍ୟାଳୟ ଅଧିନିୟମ, 1970– ବିଧାନ 21 (3) ଏବଂ ବିଧାନ 16 (11)– ଅଧ୍ୟାପକମାନଙ୍କୁ, ଚାକିରିରେ ଥାଇ ନିଜର ଜମା ଥିବା ଛୁଟି ବ୍ୟବହାର କରି ପିଏଚ୍.ଡି. ପାଠ୍ୟକ୍ରମ କରିବା ପାଇଁ ଅନୁମତି ପ୍ରଦାନ କରାଯାଇଛି– ସେହି ସମୟ ମଧ୍ୟରେ ଦରମା ଏବଂ ସମସ୍ତ ଭତ୍ତା ପାଇବା ପାଇଁ ହକଦାର– ବିଧାନ 21(3) ର ପ୍ରୟୋଜ୍ୟତା ।

ଆବେଦନକାରୀମାନେ ହରିୟାଣା କୃଷି ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଭାବରେ କାର୍ଯ୍ୟ କରୁଥିବାବେଳେ 1978 ମସିହାରେ ପିଏଚ. ଡି. ପାଠ୍ୟକ୍ରମ ପାଇଁ ମନୋନୀତ ହୋଇଥିଲେ । ଚାକିରିରେ ଥିବା ପ୍ରାର୍ଥୀଙ୍କ ଭଳି ସେମାନଙ୍କୁ ସେମାନଙ୍କ ଜମା ଥିବା ଛୁଟି ଅନୁଯାୟୀ, ପାଠ୍ୟକ୍ରମରେ ପଢ଼ିବା ପାଇଁ ଅନୁମତି ଦିଆଯାଇଥିଲା । ସେମାନେ 1980-81 ପର୍ଯ୍ୟନ୍ତ ପାଠ୍ୟକ୍ରମ ଅନୁଯାୟୀ ପାଠ ପଢିଥିଲେ । ସେମାନଙ୍କୁ ଛୁଟି ବେତନ ଦିଆଯାଉନଥିଲା, ତେଣୁ ସେମାନେ ଏହି ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ, ଆବେଦନକୁ ଖାରଜ କରି ନିର୍ଣ୍ଣୟ ନେଇଛନ୍ତି ଯେ, ସମ୍ପୃକ୍ତ ସମୟ ମଧ୍ୟରେ ଆର୍ଥିକ ସଂକଟ ଯୋଗୁଁ ବିଶ୍ୱବିଦ୍ୟାଳୟର ଚାକିରିରେ ଥିବା ପ୍ରାର୍ଥୀମାନଙ୍କୁ ସେମାନଙ୍କର ପାଠ୍ୟକ୍ରମରେ ଅଧ୍ୟୟନ ଜାରି ରଖିବାକୁ ବାରଣ କରିଥିଲା, କାରଣ ସେମାନଙ୍କୁ ସମ୍ପୂର୍ଣ୍ଣ ଦରମା ଇତ୍ୟାଦି ପ୍ରଦାନ କରିବା ସ୍ଥିତିରେ ବିଶ୍ୱବିଦ୍ୟାଳୟ ନଥିଲା । ଏହାପରେ, 1979 ମସିହା ଜାନୁଆରୀ 10 ତାରିଖରେ ଏହି ସର୍ତ୍ତକୁ ପ୍ରତ୍ୟାହାର କରି ନିଆଯାଇଥିଲା । ଯେହେତୁ ଆବେଦନକାରୀମାନେ, କଟକଣା ସମୟରେ କାର୍ଯ୍ୟରେ ଯୋଗ ଦେଇଥିଲେ, ତେଣୁ ସେମାନେ ନିଜର ପ୍ରାପ୍ୟ ଛୁଟି ବ୍ୟତୀତ ଅନ୍ୟ କୌଣସି ପ୍ରକାରେ ପୂରା ଦରମା ପାଇବାକୁ ଯୋଗ୍ୟ ନଥିଲେ ।

ଏହି ନ୍ୟାୟାଳୟଙ୍କରେ ଆଗତ କରାଯାଇଥିବା ଆବେଦନରେ, ଆବେଦନକାରୀମାନେ ଯୁକ୍ତି କରିଛନ୍ତି ଯେ ବିଧାନ 21 (3) ର କାର୍ଯ୍ୟକାରିତା ଦ୍ୱାରା, ସେମାନେ ସମ୍ପୂର୍ଣ୍ଣ ବେତନ ଏବଂ ଭତ୍ତା ପାଇବାକୁ ହକଦାର ଅଟନ୍ତି । ଏହା ମଧ୍ୟ ଯୁକ୍ତି କରାଯାଇଛି ଯେ 10.01.1979 ରୁ କଟକଣା ଲାଗୁହେବା ପରେ, ବିଶ୍ୱବିଦ୍ୟାଳୟ ପିଏଚ. ଡି. ପାଠ୍ୟକ୍ରମରେ ଅଧ୍ୟୟନ କରିବାକୁ ଅନୁମତି ପାଇଥିବା ଶିକ୍ଷକମାନଙ୍କୁ ସମ୍ପୂର୍ଣ୍ଣ ଦରମା ପ୍ରଦାନ କରିଥିଲା, ତେଣୁ, ଆବେଦନକାରୀମାନଙ୍କୁ ଏହା ପ୍ରଦାନ ନକରିବା, ଭାରତୀୟ ସମ୍ବିଧାନର ଧାରା 14 ର ଉଲ୍ଲଂଘନ କରୁଥିବା ଏକ ଭେଦଭାବ ଅଟେ ।

ଆବେଦନକୁ ଖାରଜ କରି, ଏହି ନ୍ୟାୟାଳୟ

ନିର୍ଣ୍ଣୟ ନେଇଛନ୍ତି ଯେ: 1.1. ଯେତେବେଳେ ଆବେଦନକାରୀମାନଙ୍କୁ ସେମାନଙ୍କର ପ୍ରାପ୍ୟ ଛୁଟି ଅନୁଯାୟୀ ପାଠ୍ୟକ୍ରମରେ ଅଧ୍ୟୟନ କରିବା ପାଇଁ ଅନୁମତି ଦିଆଯାଇଥିଲା, ସେତେବେଳେ ସେମାନେ ନିଜକୁ ମିଳିଥିବା ଅନୁମତିଠାରୁ ଅଧିକ କୌଣସି ଉଚ୍ଚ ଅଧିକାର ଦାବି କରିପାରିବେ ନାହିଁ । ଏହି କାରଣରୁ, ସେମାନେ 1978-79 ଠାରୁ 1980-81 ଅବଧି ମଧ୍ୟରେ ଦରମା ଏବଂ ସମ୍ପୂର୍ଣ୍ଣ ଭତ୍ତା ପାଇବାକୁ ଯୋଗ୍ୟ ନୁହଁନ୍ତି, ଯେଉଁ ସମୟ ମଧ୍ୟରେ ସେମାନେ ଅଧ୍ୟୟନ କରିଛନ୍ତି ।

1.2. ବିଧାନ **21 (3), ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଯୋଗ୍ୟତା ପ୍ରଦାନ କରେ ଏବଂ ଏହିପରି ନାମ ଲେଖାଇବା ପରେ ସେମାନେ ସମ୍ପୂର୍ଣ୍ଣ ଦରମା ଓ ଭତ୍ତା ପାଇବାକୁ ଯୋଗ୍ୟ ହେବେ, କିନ୍ତୁ ଏହା ବିଶ୍ୱବିଦ୍ୟାଳୟ ଦ୍ୱାରା ଲାଗୁ କରାଯାଉଥିବା ସର୍ତ୍ତାବଳୀ ଅଧୀନରେ ରହିବ । ବିଧାନ 16 (11), ବର୍ତ୍ତମାନ ମାମଲାରେ ତଥ୍ୟ ପାଇଁ ପ୍ରଯୁଜ୍ୟ ନୁହେଁ । ଯେତେବେଳେ ଶିକ୍ଷକମାନେ, ପିଏଚ. ଡି. ପାଠ୍ୟକ୍ରମରେ ଅଧ୍ୟୟନ ପାଇଁ ନାମ ଲେଖାଇଥିଲେ, ସେତେବେଳେ ସମ୍ପୂର୍ଣ୍ଣ ଦରମା ଏବଂ ଭତ୍ତା ପ୍ରଦାନ ସହିତ ଏହାର କୌଣସି ସମ୍ପର୍କ ନାହିଁ ।**

1.3. ଅନୁଚ୍ଛେଦ 14 ର, ବର୍ତ୍ତମାନ ମାମଲାର ତଥ୍ୟ ଉପରେ କୌଣସି ପ୍ରୟୋଗ ନାହିଁ । 1979 ମସିହା ଜାନୁଆରୀ 10 ତାରିଖରେ କଟକଣା ଉଠିବା ପରେ, ପଠାଯାଇଥିବା ଶିକ୍ଷକମାନଙ୍କୁ ସମ୍ପୂର୍ଣ୍ଣ ଦରମା ଏବଂ ଭତ୍ତା ଦିଆଯାଇଥିଲା ।କେତେକ ଶିକ୍ଷକ ଯେଉଁମାନେ ଅଯୋଗ୍ୟ ବିବେଚିତ ହୋଇଥିଲେ ଏବଂ ଆବେଦନକାରୀଙ୍କ ସହିତ ଚୟନ ହୋଇଥିଲେ କିନ୍ତୁ ପରବର୍ତ୍ତୀ ବର୍ଷଗୁଡ଼ିକରେ ପାଠ୍ୟକ୍ରମରେ ଅଧ୍ୟୟନ ପାଇଁ ନାମ ଲେଖାଇନଥିଲେ, ସେମାନଙ୍କୁ ସମ୍ପୂର୍ଣ୍ଣ ଦରମା ଏବଂ ଭତ୍ତା ଦିଆଯାଇଥିଲା । ଆବେଦନକାରୀମାନଙ୍କର ଏହା ଦାବି ନୁହେଁ ଯେ, ଶିକ୍ଷକମାନଙ୍କ ମଧ୍ୟରୁ ଯେକୌଣସି ଜଣଙ୍କୁ ସେମାନଙ୍କର ପ୍ରାପ୍ୟ ଛୁଟି ଅନୁସାରେ ମିଳିବାକୁ ଥିବା ଦରମା ବ୍ୟତୀତ ସମ୍ପୂର୍ଣ୍ଣ ଦରମା ଏବଂ ଭତ୍ତା ନିଷେଧ ଥିବା ସତ୍ତ୍ୱେ ମଧ୍ୟ, ସମ୍ପୂର୍ଣ୍ଣ ଦରମା ଓ ଭତ୍ତା ପ୍ରଦାନ କରାଯାଇଛି । ସେମାନେ ଦରମା ଏବଂ ଭତ୍ତା ପାଇବାକୁ ହକଦାର ନୁହଁନ୍ତି, ଯଦିଓ କଟକଣା ଉଠିବା ପରେ ଅନ୍ୟ ଶିକ୍ଷକମାନଙ୍କୁ ସମ୍ପୂର୍ଣ୍ଣ ଦରମା ଏବଂ ଭତ୍ତା ସହିତ ଅଧ୍ୟୟନ କରିବାକୁ ଅନୁମତି ଦିଆଯାଇଥିଲା ।ଏହି ପରିସ୍ଥିତିରେ, ସମ୍ବିଧାନର ଅନୁଚ୍ଛେଦରେ ସୁରକ୍ଷିତ ଥିବା ସମାନତା ଅଧିକାରକୁ ଉଲ୍ଲଂଘନ କରୁଥିବା ଭଳି କୌଣସି ପକ୍ଷପାତମୂଳକ ଭେଦଭାବ, ମନମୁଖୀ କିମ୍ବା ଅନ୍ୟାୟପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ହୋଇନାହିଁ ।

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 3108/1983

10.5.1982 ତାରିଖରେ, ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ସି. ଡବ୍ଲ୍ୟୁ. ପି. ସଂଖ୍ୟା 702/1980 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ଗୋବିନ୍ଦ ମୁଖତି, ମହାବୀର ସିଂହ ଏବଂ ଏସ. ଶ୍ରୀନିବାସନ ଆବେଦନକାରୀଙ୍କ ପାଇଁ ।

ଏସ୍. ଏମ୍. ଆଶ୍ରି, ଉତ୍ତରଦାତାଙ୍କ ପାଇଁ ।

ଏହି ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ହରିୟାଣା କୃଷି ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିବା 28 ଜଣ ଆବେଦନକାରୀଙ୍କୁ 1978 ମସିହାରେ ପିଏଚ. ଡି. ପାଠ୍ୟକ୍ରମରେ ଅଧ୍ୟୟନ ପାଇଁ ଚୟନ କରାଯାଇଥିଲା । ସେମାନେ 1978 ମସିହା ଜୁଲାଇ ଏବଂ ନଭେମ୍ବର ମାସରେ ଯୋଗ ଦେଇଥିଲେ । ଚାକିରିରେ ଥିବା ପ୍ରାର୍ଥୀ ଭାବରେ ସେମାନଙ୍କୁ ସେମାନଙ୍କ ପ୍ରାପ୍ୟ ଛୁଟି ଅନୁଯାୟୀ ପାଠ୍ୟକ୍ରମରେ ଅଧ୍ୟୟନ କରିବାକୁ ଅନୁମତି ଦିଆଯାଇଥିଲା ।ସେମାନେ 1980-81 ପର୍ଯ୍ୟନ୍ତ ପାଠ୍ୟକ୍ରମରେ ଅଧ୍ୟୟନ କରିଥିଲେ । ସେମାନଙ୍କୁ ଛୁଟି ବେତନ ପ୍ରଦାନ କରାଯାଉନଥିଲା ଏବଂ ସେଥିପାଇଁ ସେମାନେ ଦେୱାନୀ ଆଜ୍ଞାଦେଶ ଆବେଦନ ସଂଖ୍ୟା 702/1980 ଆଗତ କରିଛନ୍ତି । ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ, 1992 ମସିହା ମଇ ମାସ 10 ତାରିଖର ଆଦେଶରେ ଏହି ଆଜ୍ଞାଦେଶ ଆବେଦନକୁ ଖାରଜ କରି ନିର୍ଣ୍ଣୟ ନେଇଥିଲେ ଯେ ଆର୍ଥିକ ସଙ୍କଟ କାରଣରୁ ସମ୍ପୃକ୍ତ ସମୟ ମଧ୍ୟରେ ବିଶ୍ୱବିଦ୍ୟାଳୟ ଚାକିରିରେ ଥିବା ପ୍ରାର୍ଥୀମାନଙ୍କୁ ପାଠ୍ୟକ୍ରମରେ ଅଧ୍ୟୟନ କରିବା ଉପରେ ପ୍ରତିବନ୍ଧକ ଲଗାଇଛି ଏବଂ ସେମାନେ, ସେମାନଙ୍କୁ ସମ୍ପୂର୍ଣ୍ଣ ଦରମା ଇତ୍ୟାଦି ପ୍ରଦାନ କରିବା ସ୍ଥିତିରେ ନାହାଁନ୍ତି । ଏହାପରେ 1979 ମସିହା ଜାନୁଆରୀ 10 ତାରିଖରେ ଉକ୍ତ ସର୍ତ୍ତଗୁଡ଼ିକୁ ପ୍ରତ୍ୟାହାର କରି ନିଆଯାଇଥିଲା । ଯେହେତୁ ଆବେଦନକାରୀମାନେ କଟକଣା ସମୟରେ ଯୋଗ ଦେଇଥିଲେ, ତେଣୁ ସେମାନଙ୍କ ପ୍ରାପ୍ୟ ଛୁଟି ଅନୁଯାୟୀ ମିଳୁଥିବା ଦରମା ବ୍ୟତୀତ ସେମାନେ ସମ୍ପୂର୍ଣ୍ଣ ଦରମା ପାଇବାକୁ ଯୋଗ୍ୟ ନୁହନ୍ତି ।

2. ଆବେଦନକାରୀଙ୍କ ପାଇଁ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ଗୋବିନ୍ଦ ମୁଖୀ ଯୁକ୍ତି ବାଢ଼ିଥିଲେ ଯେ ହରିୟାଣା ଏବଂ ପଞ୍ଜାବ କୃଷି ବିଶ୍ୱବିଦ୍ୟାଳୟ ଅଧିନିୟମ, 1970 ର ଅଧିନିୟମ ସଂଖ୍ୟା 16/1970 ରେ ଥିବା ବିଧାନ ସଂଖ୍ୟା 21 (3), ସେହି ଚାକିରିରେ ଥିବା ପ୍ରାର୍ଥୀମାନଙ୍କୁ ଏକ ସ୍ୱତନ୍ତ୍ର ବିଷୟରେ ଉଚ୍ଚ ପାଠ୍ୟକ୍ରମରେ ନାମଲେଖା ପାଇଁ ସମ୍ପୂର୍ଣ୍ଣ ଦରମା ଏବଂ ପାଠ୍ୟକ୍ରମରେ ନାମଲେଖା ପରେ ଭତ୍ତା ପାଇବାକୁ ଅଧିକାର ଦେଇଥାଏ । ଧାରା 16 (11) ଅନୁଯାୟୀ ବୋର୍ଡର ଅନୁମୋଦନ ବିନା କୁଳପତି, ଶିକ୍ଷକଙ୍କୁ ପ୍ରଦାନ କରାଯିବାକୁ ଥିବା ଦରମା ଏବଂ ଭତ୍ତା ନିର୍ଦ୍ଧାରଣ କରିପାରିବେ ନାହିଁ କିମ୍ବା ତାହାକୁ ଅଟକାଇ ରଖିପାରିବେ ନାହିଁ । ଯେହେତୁ ଏଭଳି କୌଣସି ଅନୁମୋଦନ ଦିଆଯାଇ ନାହିଁ, ତେଣୁ କୁଳପତିଙ୍କ ଦ୍ୱାରା ଜାରି କରାଯାଇଥିବା କଟକଣା, ଆଇନଗତ ଭାବେ ଅବୈଧ ଅଟେ । ବିଧାନ 21 (3) ର କାର୍ଯ୍ୟକାରିତା ଦ୍ୱାରା, ସେମାନେ ସମ୍ପୂର୍ଣ୍ଣ ଦରମା ଏବଂ ଭତ୍ତା ପାଇବାକୁ ହକଦାର ଅଟନ୍ତି । ଏହା ମଧ୍ୟ ଯୁକ୍ତି କରାଯାଇଛି ଯେ ଜାନୁଆରୀ 10,1979 ରୁ କଟକଣା ପରେ ବିଶ୍ୱବିଦ୍ୟାଳୟ, ପିଏଚ.ଡି. ପାଠ୍ୟକ୍ରମରେ ଅଧ୍ୟୟନ କରିବାକୁ ଅନୁମତି ପାଇଥିବା ଶିକ୍ଷକମାନଙ୍କୁ ସମ୍ପୂର୍ଣ୍ଣ ଦରମା ପ୍ରଦାନ କରିଥିଲା । ଆବେଦନକାରୀଙ୍କୁ ଅର୍ଥ ପ୍ରଦାନ ନକରିବା, ସମ୍ବିଧାନର ଅନୁଚ୍ଛେଦ 14 ର ଉଲ୍ଲଂଘନ କରୁଥିବା ଏକ ଭେଦଭାବ ଅଟେ । ଏହି ଯୁକ୍ତିରେ ଆମେ କୌଣସି ଦୃଢତା ପାଉନାହୁଁ ।

3. ଏହା ସତ୍ୟ ଯେ ଆବେଦନକାରୀମାନଙ୍କୁ ସମ୍ପୃକ୍ତ ଅବଧି ମଧ୍ୟରେ ଚାକିରିରେ ଥିବା ପ୍ରାର୍ଥୀ ଭାବରେ ପିଏଚଡି ପାଠ୍ୟକ୍ରମରେ ଅଧ୍ୟୟନ କରିବାକୁ ଅନୁମତି ଦିଆଯାଇଛି । 1972 ମସିହା ଅକ୍ଟୋବର 27 ତାରିଖରେ କୁଳପତି ତାଙ୍କ କାର୍ଯ୍ୟାନୁଷ୍ଠାନରେ କହିଥିଲେ ଯେ ଗବେଷଣା ନିର୍ଦ୍ଦେଶକ, କୁଳପତିଙ୍କୁ ସୂଚନା ଦେଇଥିଲେ ଯେ ପିଏଚ. ଡି. ପାଠ୍ୟକ୍ରମରେ ଶିକ୍ଷକଙ୍କ ନାମଲେଖା ପାଇଁ ଆର୍ଥିକ ସଙ୍କଟ ରହିଛି ଏବଂ ସେଥିପାଇଁ ସେ ପ୍ରାର୍ଥୀମାନଙ୍କୁ ପି. ଏଚ. ଡି. ପାଠ୍ୟକ୍ରମରେ ଅଧ୍ୟୟନ କରିବା ପାଇଁ ସୁପାରିଶ ନକରିବାକୁ ଅନୁରୋଧ କରିଥିଲେ । କୁଳପତି ଏହି ସୁପାରିଶକୁ ସ୍ୱୀକାର କରି ଏହିପରି ଆଦେଶ ଦେଇଛନ୍ତି, "ଅଧିଷ୍ଠାତା/ନିର୍ଦ୍ଦେଶକମାନେ ଦୟାକରି ନିଶ୍ଚିତ କରନ୍ତୁ ଯେ

ଚଳିତ ବର୍ଷ କୌଣସି ବିଷୟରେ ପିଏଚଡିରେ ନାମଲେଖା ପାଇଁ କୌଣସି ଚାକିରିରେ ଥିବା ପ୍ରାର୍ଥୀଙ୍କୁ ସୁପାରିଶ କରାଯିବ ନାହିଁ ।" ଏହା ଜଣାପଡ଼ିବ ଯେ ଏହି କଟକଣା, 1979 ମସିହା ଜାନୁଆରୀ 10 ତାରିଖ ପର୍ଯ୍ୟନ୍ତ ଜାରି ରହିଥିଲା, ଯେଉଁ ତାରିଖରେ ଏହି କଟକଣାକୁ ଉଠାଯାଇଥିଲା, ଯେପରି ଏଠାରେ ପୂର୍ବରୁ ଦର୍ଶାଯାଇଛି । ଉଚ୍ଚ ନ୍ୟାୟାଳୟରେ ଉପସ୍ଥାପନ କରାଯାଇଥିବା ଏବଂ ସେମାନଙ୍କୁ ପାଠ୍ୟକ୍ରମରେ ଅଧ୍ୟୟନ କରିବା ପାଇଁ ଅନୁମତି ଦେଉଥିବା ଯେଉଁ ଆଦେଶନାମାକୁ ପରିଶିଷ୍ଟ । ଭାବେ ଚିହ୍ନିତ କରାଯାଇଛି, ସେଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେ ସେମାନେ ନିଜ ପ୍ରାପ୍ୟ ଛୁଟିର ବେତନ ପାଇବାକୁ ଯୋଗ୍ୟ । ଯେତେବେଳେ ଆବେଦନକାରୀମାନଙ୍କୁ ସର୍ତ୍ତ ଅନୁଯାୟୀ ପାଠ୍ୟକ୍ରମରେ ଅଧ୍ୟୟନ କରିବାକୁ ଅନୁମତି ଦିଆଯାଇଥିଲା, ସେତେବେଳେ ସେମାନଙ୍କୁ ଯେଉଁ ଅଧିକାର ମିଳିଥିଲା, ସେମାନେ ତା'ଠାରୁ ଅଧିକ ଅଧିକାର ପାଇପାରିବେ ନାହିଁ । ଏଥିରେ କୌଣସି ଦ୍ୱନ୍ଦ୍ୱ ନାହିଁ ଯେ, ଏହା ବଳରେ ସେମାନେ 1978-79 ରୁ 1980-81 ମଧ୍ୟରେ ଥିବା ଅଧ୍ୟୟନ ଅବଧି ପାଇଁ ପୂର୍ଣ୍ଣ ଦରମା ଏବଂ ସମସ୍ତ ଭତ୍ତା ପାଇବାକୁ ଯୋଗ୍ୟ ନୁହନ୍ତି । ଏହି ନ୍ୟାୟାଳୟରେ ଦାଖଲ କରାଯାଇଥିବା ପ୍ରତି ସତ୍ୟପାଠରେ ଏହା ମଧ୍ୟ ଦର୍ଶାଯାଇଛି ଯେ, ଆବେଦନକାରୀମାନଙ୍କୁ ପାଠ୍ୟକ୍ରମରେ ଅଧ୍ୟୟନ କରିବା ପାଇଁ ଅବ୍ୟାହତି ଦିଆଯିବା ପରେ, ସେମାନେ ଆବେଦନକାରୀମାନଙ୍କ ସ୍ଥାନରେ ନୂତନ ଶିକ୍ଷକମାନଙ୍କୁ ନିଯୁକ୍ତି ଦେଇଛନ୍ତି । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଆବେଦନକାରୀମାନେ ବୁଝାଇବାକୁ ଚାହିଁଥିଲେ ଯେ ନିଯୁକ୍ତ ହୋଇଥିବା କେତେକ ଶିକ୍ଷକ ସମ୍ପୂର୍ଣ୍ଣ ପାଠ୍ୟକ୍ରମ ସମୟରେ କାମ କରିନଥିଲେ କିମ୍ବା କେବଳ ଆଂଶିକ ସମୟ ପାଇଁ କାମ କରିଥିଲେ, ଯାହା ପ୍ରତି ସତ୍ୟପାଠର ଉତ୍ତରରେ ଦର୍ଶାଇଛନ୍ତି । କିନ୍ତୁ ଯେହେତୁ ଆବେଦନକାରୀମାନେ କେବଳ ପ୍ରତି ସତ୍ୟପାଠର ଉତ୍ତରରେ ଆଗକୁ ଆସିଛନ୍ତି, ତେଣୁ ରାଜ୍ୟ ଏହାକୁ ବିରୋଧ କରିବାର କୌଣସି ସୁଯୋଗ ପାଇ ନଥିଲା । ଏହା ସ୍ପଷ୍ଟ ଯେ, ଆବେଦନକାରୀମାନଙ୍କୁ ମିଳିଥିବା ଛୁଟି ଅନୁଯାୟୀ ସଂଶ୍ଳିଷ୍ଟ ସମୟ ମଧ୍ୟରେ ନିଜର ପାଠ୍ୟକ୍ରମ ସମ୍ପୂର୍ଣ୍ଣ କରିବାକୁ ଯାଇଥିବାରୁ, ସେମାନଙ୍କୁ ଯେଉଁ ସୁବିଧା ମିଳିଥିଲା, ସେମାନେ ତା'ଠାରୁ ଅଧିକ କୌଣସି ଅଧିକାର ଦାବି କରିପାରିବେ ନାହିଁ ।

4. ଏହା ସତ୍ୟ ଯେ ବିଧାନ 21(3),ନାମଲେଖା ପାଇଁ ଯୋଗ୍ୟତା ପ୍ରଦାନ କରିଥାଏ ଏବଂ ଏହିପରି ନାମଲେଖା କରିବା ପରେ ସେମାନେ ପୂର୍ଣ୍ଣ ଦରମା ଏବଂ ଭତ୍ତା ପାଇବାକୁ ଯୋଗ୍ୟ ହୋଇଥାନ୍ତି, କିନ୍ତୁ ଏହା ବିଶ୍ୱବିଦ୍ୟାଳୟ ଦ୍ୱାରା ଲାଗୁ କରାଯାଇଥିବା ସର୍ତ୍ତାବଳୀ ଅଧୀନରେ ରହିବ । ଏହି ମାମଲାର ତଥ୍ୟ ପାଇଁ, ବିଧାନ 16 (11) ପ୍ରଯୁଜ୍ୟ ନୁହେଁ ।ଏଥିରୁ ଜଣାପଡୁଛି ଯେ ଦରମା ଏବଂ ଭତ୍ତା ନିର୍ଦ୍ଧାରଣ କରିବା ସମୟରେ, କୁଳପତିଙ୍କୁ ବୋର୍ଡର ଅନୁମୋଦନ କ୍ରମେ ସେହି କାର୍ଯ୍ୟ ସମ୍ପାଦନ କରିବାକୁ ହେବ । ତାହା ଦରମା ଏବଂ ଭତ୍ତାର ପ୍ରାରମ୍ଭିକ ନିର୍ଦ୍ଧାରଣ ସହିତ ସମ୍ପର୍କିତ ହୋଇପାରେ, କିନ୍ତୁ ଯେତେବେଳେ ଶିକ୍ଷକମାନଙ୍କୁ ପିଏଚ୍.ଡି. ପାଠ୍ୟକ୍ରମରେ ଅଧ୍ୟୟନ କରିବା ପାଇଁ ଅନୁମତି ଦିଆଯାଇଥିଲା, ସେତେବେଳେ ସେମାନଙ୍କୁ ସମ୍ପୂର୍ଣ୍ଣ ଦରମା ଏବଂ ଭତ୍ତା ପ୍ରଦାନ କରିବା ସହିତ ଏହାର କୌଣସି ସମ୍ପର୍କ ନଥିଲା ଏବଂ ସେଥିପାଇଁ, ବିଧାନ 16 (11), ଏଠାରେ ପ୍ରଯୁଜ୍ୟ ନୁହେଁ ।

5. ଅନୁଛେଦ 14 ର ମଧ୍ୟ ଏହି ମାମଲାରେ ତଥ୍ୟଗୁଡ଼ିକ ପ୍ରତି କୌଣସି ପ୍ରୟୋଗ ନାହିଁ ।ଏହା ଦେଖିବାକୁ ମିଳିଛି ଯେ 1979 ମସିହା ଜାନୁଆରୀ 10 ତାରିଖରେ କଟକଣା ଉଠିବା ପରେ, ପଠାଯାଇଥିବା ଶିକ୍ଷକମାନଙ୍କୁ ସମ୍ପୂର୍ଣ୍ଣ ଦରମା ଏବଂ ଭତ୍ତା ଦିଆଯାଇଥିଲା । ଏହା ସତ୍ୟ ଯେ କିଛି ଶିକ୍ଷକ, ଯେଉଁମାନେ ଅଯୋଗ୍ୟ ବିବେଚିତ ହୋଇଥିଲେ ଏବଂ ଆବେଦନକାରୀମାନଙ୍କ ସହ ମନୋନୀତ ହୋଇଥିଲେ କିନ୍ତୁ ପରବର୍ତ୍ତୀ ବର୍ଷରେ ପାଠ୍ୟକ୍ରମରେ ନାମ ଲେଖାଇ

ନଥିଲେ, ସେମାନଙ୍କୁ ସମ୍ପୂର୍ଣ୍ଣ ଦରମା ଏବଂ ଭତ୍ତା ପ୍ରଦାନ କରାଯାଇଥିଲା । ଆବେଦନକାରୀମାନଙ୍କର ଏହା କହିବା କଥା ନୁହେଁ ଯେ, କୌଣସି ଜଣେ ହେଲେ ବି ଶିକ୍ଷକଙ୍କୁ ସେମାନଙ୍କର ପ୍ରାପ୍ୟ ଛୁଟି ଅନୁସାରେ ପୂର୍ଣ୍ଣ ଦରମା ଓ ଭତ୍ତା ପାଇବାକୁ ବାରଣ କରାଯାଇଥିଲେ ମଧ୍ୟ, ସେମାନଙ୍କୁ ସମ୍ପୂର୍ଣ୍ଣ ଦରମା ଏବଂ ଭତ୍ତା ପ୍ରଦାନ କରାଯାଇଥିଲା । ସେମାନେ ଦରମା ଏବଂ ଭତ୍ତା ପାଇବାକୁ ହକଦାର ନୁହନ୍ତି, ଯଦିଓ ଅନ୍ୟ ଶିକ୍ଷକମାନଙ୍କୁ, କଟକଣା ହଟାଯିବା ପରେ ପୂର୍ଣ୍ଣ ଦରମା ଏବଂ ଭତ୍ତା ସହିତ ପାଠ୍ୟକ୍ରମରେ ଅଧ୍ୟୟନ କରିବାକୁ ଅନୁମତି ଦିଆଯାଇଥିଲା । ଏଭଳି ପରିସ୍ଥିତିରେ, ସମ୍ବିଧାନର ଅନୁଚ୍ଛେଦ 14 ରେ ବର୍ଣ୍ଣିତ କୌଣସି ଦ୍ୱେଷପୂର୍ଣ୍ଣ ପାତରଅନ୍ତର, ମନମୁଖୀ କାର୍ଯ୍ୟାନୁଷ୍ଠାନ କିମ୍ବା ଅନ୍ୟାୟ କରାଯାଇ ନାହିଁ ।

6. ସେହି ଅନୁଯାୟୀ, ଖର୍ଚ୍ଚ ବାବଦରେ କୌଣସି ଆଦେଶ ବିନା, ଆବେଦନକୁ ଖାରଜ କରାଗଲା ।

ଏ. ଜି.   ଆବେଦନକୁ ଖାରଜ କରାଗଲା ।

ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର:

ଶ୍ରୀ ଜଟାଧାରୀ ସେଠୀ

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।